# ସିନେମା ଛକରୁ ବାରବାଟୀ ଛକ ହେବ 'ନୋ-ୱେୟାର ଜୋନ'

**ବାଲେଶ୍ୱର, ୪।୭(ମାନସ ବିଶ୍ୱାଳ)**

ବାଲେଶ୍ୱର ସହର ସ୍ଥାନୀୟ ସର୍କିଟ୍ ହାଉସ ପରିସରରେ ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ବିଦ୍ୟୁତ ବିତରଣ ସେବା ସହିତ ଭିତ୍ତିଭୂମିର ଉନ୍ନତି ପାଇଁ ଟାଟା ପାୱାର ଉତ୍ତର ଓଡ଼ିଶା ବିତରଣ ସଂସ୍ଥା (ଟିପିଏନଓଡିଏଲ) ସହିତ ଏକ ସମୀକ୍ଷା ବୈଠକ ଗୁରୁବାର ଆୟୋଜିତ ହୋଇଥିଲା। ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ସମୀକ୍ଷା ବୈଠକରେ ଯୋଗଦେଇ ରାଜ୍ୟରେ ବିଧାନସଭା ଅଧିବେଶନ ଅଥବା ରାଜ୍ୟର ବଜେଟ୍ ପ୍ରସ୍ତୁତି ପୂର୍ବରୁ ନିର୍ବାଚନମଣ୍ଡଳୀ ଓ ପୌରାଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ଯୋଜନା ପ୍ରସ୍ତୁତି ପାଇଁ ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱିଜଦାସ ବସକଙ୍କ ସମେତ ଚିଫ୍ ଅପରେଶନ ନିଲେଶ ଫୋଟଫଡ଼େ, ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ, ବାଲେଶ୍ୱର ଇଲେକ୍ଟ୍ରିକାଲ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମରେଶ୍ୱର ଶତପଥୀ, ସେଣ୍ଟ୍ରାଲ ଇଲେକ୍ଟ୍ରିକାଲ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦେବାଶିଷ ପୁହାଣ, ବାଲେଶ୍ୱର ସହରାଞ୍ଚଳରେ ବିଦ୍ୟୁତ ବିତରଣ ଦାୟିତ୍ୱରେ ଥିବା ଏସ୍‌ଡିଓ ଗିରିଜା ଶଙ୍କର ନାୟକ ଓ ମନୋରଞ୍ଜନ ବେହେରା ଏବଂ ଗ୍ରାମାଞ୍ଚଳରେ ବିଦ୍ୟୁତ ବିତରଣ ଦାୟିତ୍ୱରେ ଥିବା ଏସ୍‌ଡିଓ ବିଜୟ ମହାନ୍ତି ଓ ଚିତ୍ତରଞ୍ଜନ ରାଉତ ପ୍ରମୁଖଙ୍କୁ ଦାୟିତ୍ୱ ଦେଇଛନ୍ତି।

ଟାଟାପାୱାର ବିଦ୍ୟୁତ ବିତରଣ ସେବା ଦାୟିତ୍ୱ ନେବାଠାରୁ ଭିତ୍ତିଭୂମି ସେବା କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳି ନ ଥିବା ବେଳେ ଏହାକୁ ଅଧିକ କ୍ରିୟାଶୀଳ କରିବା ଉପରେ ବିଧାୟକ ଗୁରୁତ୍ୱ ଦେଇଥିଲେ। ଏଥିସହିତ ବାଲେଶ୍ୱର ସହରର ବ୍ୟସ୍ତବହୁଳ ସିନେମା ଛକରୁ ବାରବାଟୀ ଛକ ପର୍ଯ୍ୟନ୍ତ ରାସ୍ତାରେ ଭୂତଳ ବିଦ୍ୟୁତ ସଂଯୋଗ ମାଧ୍ୟମରେ 'ନୋ-ୱେୟାର ଜୋନ' କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସେହିଭଳି ଝଡ଼ବାତ୍ୟା ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା, ସହରର ୧୧କେଭି ସବଷ୍ଟେଶନଗୁଡ଼ିକୁ ଭୂତଳ ବିଦ୍ୟୁତ ସଂଯୋଗରେ ସାମିଲ କରିବା, ସିନ୍ଧିଆ ଓ କଷାଫଳ ପଞ୍ଚାୟତରେ ନୂଆ ୩୩ କେଭି ବିଦ୍ୟୁତ ଷ୍ଟ୍ରକଚର ନିର୍ମାଣ, ପୁରୁଣା ଟ୍ରାନ୍ସଫର୍ମରକୁ ନୂଆ ୨ଶହ ବା ୪ଶହ କେଭିଏ ଟ୍ରାନ୍ସଫର୍ମରରେ ପରିବର୍ତ୍ତନ କରିବା, ବିଦ୍ୟୁତ ଗ୍ରାହକଙ୍କ ପ୍ରତି ସମ୍ବେଦନଶୀଳ ହେବା ସହିତ ଗ୍ରାହକ ସେବାକୁ ଅଧିକ ଜନାଦୃତ କରିବା, ବିଦ୍ୟୁତ ମିଟରିଂ ଓ କେବୁଲ ଜନିତ ସମସ୍ୟା ଦୂରୀକରଣ ନିମନ୍ତେ ନୂତନ ନୀତି ପ୍ରଣୟନ କରିବା ଭଳି ପଦକ୍ଷେପ ଶୀଘ୍ର କାର୍ଯ୍ୟକାରୀ ପାଇଁ ବିଧାୟକ ଦତ୍ତ ଟିପିଏନଓଡିଏଲ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ସର୍କଲର କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ରହି ବିଧାୟକଙ୍କ ପରାମର୍ଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ଦିଗରେ ସମ୍ମତି ଦେଇଥିଲେ। ବିଧାୟକଙ୍କ ପୌରାଞ୍ଚଳ ଓ ପଞ୍ଚାୟତସ୍ତରୀୟ ପ୍ରତିନିଧି ଭାବେ ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଅନନ୍ତ ନାୟକ, ଲୋକନାଥ ଭୂୟାଁ, ସୀତାକାନ୍ତ ସ୍ୱାଇଁ, ହରେନ୍ଦ୍ର ପ୍ରଧାନ, ଉପେନ୍ଦ୍ର ଶତପଥୀ, ରାଜେନ୍ଦ୍ର ଚାଟାର୍ଜୀ, ସୌଭାଗ୍ୟ ମାନସ ନାୟକ, ଉମେଶ କୁମାର ବେହେରା, ରବି ନନ୍ଦୀ ପ୍ରମୁଖ ଯୋଗଦେଇ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ସେବାକୁ ନେଇ ଦେଖାଦେଉଥିବା ସମସ୍ୟା ଉପସ୍ଥାପନ ସହ ତାହାର ନିରାକରଣ ଉପରେ ଆଲୋଚନା କରିଥିଲେ।

### ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ଓ ଉନ୍ନତ ସେବା ଉପରେ ଗୁରୁତ୍ୱାରୋପ



ସମୀକ୍ଷା ବୈଠକରେ ଉପସ୍ଥିତ ବିଧାୟକ ଓ ଟିପିଏନଓଡିଏଲ୍ ଅଧିକାରୀଗଣ।

## ନିଟ୍, ନେଟ୍ ପ୍ରବେଶିକା ପରୀକ୍ଷାରେ ଦୁର୍ନୀତି ଘଟଣା

# ଏଆଇଡିଏସ୍ଓ ପକ୍ଷରୁ ବିକ୍ଷୋଭ ଦିବସ



**ବାଲେଶ୍ୱର, ୪।୭(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ନିଟ୍ ୟୁଜି ଏବଂ ୟୁଜିସି-ନେଟ୍ ପ୍ରବେଶିକା ପରୀକ୍ଷାରେ ଘଟିଥିବା ଦୁର୍ନୀତି ପ୍ରତିବାଦରେ ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେଶନ (ଏଆଇଡିଏସ୍ଓ) ସର୍ବଭାରତୀୟ କମିଟି ଡାକରାରେ ଗୁରୁବାର ଏଆଇଡିଏସ୍ଓ ବାଲେଶ୍ୱର ଜିଲା କମିଟି ପକ୍ଷରୁ ବିକ୍ଷୋଭ ଦିବସ ପାଳନ କରାଯାଇଛି। ଏଆଇଡିଏସ୍ଓ ବାଲେଶ୍ୱର ଜିଲା ସଭାପତି ହରେକୃଷ୍ଣ ଦାସ ଉପସ୍ଥିତ ରହି ନିଟ୍ ଏବଂ ନେଟ୍‌ରେ ହୋଇଥିବା ମହାଦୁର୍ନୀତିର ଉଚ୍ଚସ୍ତରୀୟ ନିରପେକ୍ଷ ନ୍ୟାୟିକ ତଦନ୍ତ ଏବଂ ଏଥିରେ ସମ୍ପୃକ୍ତ ଅପରାଧୀଙ୍କୁ କଠୋର ଦଣ୍ଡ ଦେବା, ଏନ୍‌ଟିଏକୁ ସମ୍ପୂର୍ଣ୍ଣ ରଦ୍ଦ କରିବା, ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ କାଉନସେଲିଂ ବନ୍ଦ ରଖିବା, କେନ୍ଦ୍ର ଶିକ୍ଷା ଓ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ଦାବି କରିଥିଲେ। ବିକ୍ଷୋଭରେ ଏଆଇଡିଏସ୍ଓ ଜିଲା ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ମୃତ୍ୟୁଞ୍ଜୟ ସେନାପତି, ସିଂରାୟ ଦେଓଗାମ, ଯୁଗଳ ବାନରା ମଙ୍ଗଳ ସିଂ, ମନୀଷ ସାହୁଙ୍କ ସମେତ ଅନେକ ଛାତ୍ରୀଛାତ୍ର ଉପସ୍ଥିତ ରହି ପ୍ରମୁଖ ଦାବିଗୁଡ଼ିକୁ ତୁରନ୍ତ ପୂରଣ କରିବା ପାଇଁ ଦାବି କରିଥିଲେ। ଅନ୍ୟଥା ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦେଇଥିଲେ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ

## ୨ ଗୁରୁତର, ୩ ଗିରଫ

**ବସ୍ତା, ୪।୭(ହରିଶଙ୍କର ପାଢ଼ି)**

ବାଲେଶ୍ୱର ଜିଲା ବସ୍ତା ଥାନା ପଳାସିଆ ଗ୍ରାମରେ ପୂର୍ବଶତ୍ରୁତାରୁ ମରଣାନ୍ତକ ଆକ୍ରମଣ ଘଟଣାରେ ୨ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ପ୍ରଥମେ ବସ୍ତା ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।ସୂଚନା ଅନୁଯାୟୀ ଗ୍ରାମର ଗୋଦାବରୀ ମହାଲିକଙ୍କ ସହ ବିଜୟ ଦାସ, ସୃଷ୍ଟିଧର ଦାସଙ୍କ ପରିବାର ଜମିବାଡ଼ିକୁ ନେଇ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ତେବେ ଗତ ବୁଧବାର ଦ୍ୱିପ୍ରହରରେ କୌଣସି କଥାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ କଥା କଟାକଟି ହୋଇଥିବା ବେଳେ ଦାସଙ୍କ ସପରିବାର ଗୋଦାବରୀ ମହାଲିକଙ୍କ ଘରେ ପଶି ଗୋଦାବରୀଙ୍କ ସହ ସ୍ତ୍ରୀ ସୁମତୀ, ପୁଅ ବାପି, ପୁତୁରା ଶଶିକାନ୍ତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ବସ୍ତା ମେଡିକାଲକୁ ଅଣାଯାଇଥିବାବେଳେ ଅଧିକ ଗୁରୁତର ଥିବାରୁ ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ତେବେ ଆକ୍ରମଣକାରୀ ବିଜୟ ପୋଲିସ ବିଭାଗରେ କାର୍ଯ୍ୟରତ ଥିବାବେଳେ ତାଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ମାମଲା ରହିଛି। ଏହି ଆକ୍ରମଣ ଘଟଣାରେ ଥାନାରେ ଅଭିଯୋଗ ହେବା ପରେ ବସ୍ତା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ରାତି ପାହିଲେ ପାଣିଚିନ୍ତା



ପାଣି ପାଇଁ ମହିଳାଙ୍କ ଭିଡ଼।

**ଜଳେଶ୍ୱର, ୪।୭(ନବୀନ ସାହୁ)**

ବସୁଧା ଯୋଜନାରେ ଓଭରହେଡ ପାଣି ଟାଙ୍କି ବସାଯାଇ ଲୋକେ କିପରି ସୁବିଧାରେ ବିଶୁଦ୍ଧ ପାନୀୟଜଳ ପାଇପାରିବେ ସେନେଇ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ପ୍ରକୃତପକ୍ଷେ ତାହା କାର୍ଯ୍ୟକାରୀ ହେଉଛି କି ନାହିଁ ବିଭାଗୀୟ ଅଧିକାରୀମାନେ ତାହା ତଦାରଖ କରୁ ନ ଥିବାରୁ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଶ୍ୟାମନଗର ପଞ୍ଚାୟତ ୪ ନଂ. ୱାର୍ଡ କଣ୍ଡରାଗଡ଼ିଆ ଗ୍ରାମବାସୀଙ୍କୁ ରାତି ପାହିଲେ ପାଣି ଚିନ୍ତା ଘାରୁଛି। ସାହିରେ ଗୋଟିଏ ନଳକୂପ ଅଛି, ହେଲେ ସେଥିରୁ ଅଳ୍ପ ଅଳ୍ପ ପାଣି ବାହାରୁଛି। ସେଥିରେ ପୁଣି ଲୋକେ ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡ଼ା ହୋଇ ପାଣି ପାଇଁ ଅପେକ୍ଷା କରିଥାନ୍ତି। ଗ୍ରାମବାସୀ ଗାଧୋଇବା ପାଇଁ ପୋଖରୀ ଉପରେ ନିର୍ଭର କରିଥାନ୍ତି। ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହୋଇଥିଲେ ମଧ୍ୟ ବର୍ଷା ସେହିଭଳି ନାହିଁ। ଯଦି ଖୁବ୍‌ଶୀଘ୍ର ପିଇବା ପାଣି ସୁବିଧା ନ ହୁଏ ଗ୍ରାମର ସୁଧାକର ପାତ୍ର, ବଂଶୀଧର ପାତ୍ର, ବଳରାମ ପାତ୍ର, ସୋମନାଥ ଦାସ, ସୁନୀଲ ପାତ୍ର, ଜଗାବଳିଆ ପାତ୍ର, ବନବିହାରୀ ପାତ୍ର, ସୁମିତ୍ରା ପାତ୍ର, ମିତାଲି ପାତ୍ର, ବାସନ୍ତୀ ପାତ୍ର ରାସ୍ତାରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ କନିଷ୍ଠଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଦୁଇ ତିନି ଦିନ ମଧ୍ୟରେ ମୋଟର ଲଗାଯିବାର ବ୍ୟବସ୍ଥା କରାଯାଉଛି।

# କମଳ କୁମାରୀ ସଂସ୍କୃତ ମହିଳା କଲେଜରେ ଚାରାରୋପଣ

**କାଳିପଦା, ୪।୭(ରାଜଶ୍ରୀ ପାଣିଗ୍ରାହୀ)**

ବାଲିଆପାଳ ବ୍ଲକ ପଞ୍ଚୁପାଲି କମଳ କୁମାରୀ ସଂସ୍କୃତ ମହିଳା କଲେଜରେ ଚାରାରୋପଣ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରାଜକିଶୋର ବାରିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବୃକ୍ଷରୋପଣ ଦ୍ୱାରା ସୁସ୍ଥ ପରିବେଶ ସୃଷ୍ଟି କରାଯାଇ ପାରିବ। ପ୍ରତ୍ୟେକ ମଣିଷ ଅନ୍ତତଃପକ୍ଷେ ଗୋଟିଏ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀମାନେ ଆମ୍ବ, ପିଜୁଳି, ନଡ଼ିଆ, ଗୁଆ, ବଉଳ, ଶାଗୁଆନ, ପଟାସ, ଆକାଶିଆ ଆଦି ବୃକ୍ଷର ଚାରାଗୁଡ଼ିକୁ କଲେଜ ପରିସରରେ ଲଗାଇଥିଲେ। ଅଧ୍ୟାପକ ଡ. ଲକ୍ଷ୍ମୀକାନ୍ତ ରଥ, ସୁଧୀର କୁମାର ନନ୍ଦ, ବନମାଳୀ ପରିଡ଼ା, କୃଷ୍ଣାନନ୍ଦ ପାତ୍ର, ଚନ୍ଦନ ନନ୍ଦ, ଅଧ୍ୟାପିକା ସବିତା ସାହୁ ଓ ସରୋଜିନୀ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ବାଲିଆପାଳ, ୪।୭(ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧୀନ ଚୌଧୁରୀକୁଦ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ରାଉତଙ୍କ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟୀ ସଭାରେ ମୁଖ୍ୟଅତିଥି ଭାବରେ ବିଆର୍‌ସିସି ନାମିତ ସାମଲ, ମୁଖ୍ୟବକ୍ତା ଭାବେ ମଧୁପୁରା ସରପଞ୍ଚ ଗୀତାରାଣୀ ମାହାନା, ସମ୍ମାନିତ ଅତିଥି ଏବିଇଓ ମିନାରାଣୀ ସାହୁ, ବିଦ୍ୟାଳୟ କମିଟି ସଭାପତି ଲମ୍ବୋଦର ମାହାନା, ପଞ୍ଚରୁଖୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ଜେନା, ସିଆର୍‌ସି ଅଶୋକ କୁମାର ଗିରି ପ୍ରମୁଖ ଯୋଗ ଦେଇ ଅବସର କାଳୀନ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ରାଉତ ମଣ୍ଡୁରକୁଣ୍ଡା ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରି ଚୌଧୁରୀକୁଦ ପ୍ରଥମିକ ବିଦ୍ୟାଳୟରେ ଅବସର ନେବା ପର୍ଯ୍ୟନ୍ତ ତାଙ୍କର ଶିକ୍ଷାଦାନ ପ୍ରତି ନିଷ୍ଠାପରତା, ସମୟାନୁବର୍ତ୍ତିତା, ଛାତ୍ରୀଛାତ୍ର ମାନଙ୍କୁ ଭଲ ପାଇବାର ପଟାନ୍ତର ନାହିଁ ବୋଲି କହିଥିଲେ। ଶିକ୍ଷକ କାର୍ତ୍ତିକ ଚନ୍ଦ୍ର କର, ଅଜୟ ମୁର୍ମୁ, ଜୟକୃଷ୍ଣ ବେହେରା, ସୁଶାନ୍ତ କର, ଦିପାଳୀ ପରିଡ଼ାଙ୍କ ସହିତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟାସଦସ୍ୟ, ଗ୍ରାମବାସୀ ଓ ବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ର ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ଏମ୍‌ପି, ଜିଲାପାଳ, ଏସ୍‌ଇଙ୍କୁ ଦାବିପତ୍ର ଦେଲେ ଉପଭୋକ୍ତା

**ରୂପସା, ୪।୭(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ରୂପସା ବିଦ୍ୟୁତ ସେକ୍ସନ ଅଧୀନ ଓଡିଆଶାସନ ବିଦ୍ୟୁତ ଟ୍ରାନ୍ସଫର୍ମରରେ ଦୀର୍ଘଦିନ ଧରି ଲୋ ଭୋଲ୍‌ଟେଜ ସମସ୍ୟା ଲାଗିରହିଛି। ବାରମ୍ବାର ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଯାଉଥିଲେ ହେଁ ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଓଡ଼ିଆ ଶାସନ ବିଦ୍ୟୁତ ଉପଭୋକ୍ତା କମିଟି ପକ୍ଷରୁ ହରେନ୍ଦ୍ର କୁମାର ଦାସ, ଦେବାଶିଷ ମହାପାତ୍ର, ଅବଦୁଲ ସାଦିକ ଖାନ, ଅଭିମନ୍ୟୁ ବର, ଗୋପାଳ ଚନ୍ଦ୍ର ଦାଶ, ଗଙ୍ଗାଧର ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ପ୍ରଫୁଲ୍ଲ ଦାସ ପ୍ରମୁଖ ଏକ ପ୍ରତିନିଧି ଦଳ ଶୁକ୍ରବାର ବାଲେଶ୍ୱର ଏମ୍‌ପି, ଜିଲାପାଳ ଓ ବିଦ୍ୟୁତ ବିଭାଗ ଏସ୍‌ଇଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର ଆବଶ୍ୟକ ମୁତାବକ ପ୍ରତି ଗାଁରେ ଅଲଗା ଅଲଗା ଟ୍ରାନ୍ସଫର୍ମର ବସାଯାଇ ୧୧କେଭି ବିଦ୍ୟୁତ ମାଧ୍ୟମରେ ବିଦ୍ୟୁତିକରଣ କରାଯିବ ବୋଲି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

### ସୁଧୁରୁନି ଲୋ ଭୋଲଟେଜ ସମସ୍ୟା

ଏହି ଓଡ଼ିଆଶାସନ ୨୫୦/୩୩ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ଅଧୀନରେ ଓଡିଆଶାସନ, ନୀଳବାଡ଼ି, ଉପରବାରାପାଳ, ଗଡ଼ପଦା, ବାଖରାବାଦ କୈବର୍ତ୍ତସାହି ଆଦି ଗ୍ରାମର ପ୍ରାୟ ୪ଶହ ଉପଭୋକ୍ତା ବିଦ୍ୟୁତ ସେବା ପାଇଥାନ୍ତି। ଲୋ ଭୋଲ୍‌ଟେଜ ଯୋଗୁ ବାରମ୍ବାର ଅଭିଯୋଗ ପରେ ତତ୍କାଳୀନ ଜେଇ, ଏସଡ଼ିଓ ଓ ଏସ୍‌ଇ ତତ୍ପରତା ଦେଖାଇ ବାଖରାବାଦଠାରେ ରେଳଧାରଣା ପାରି ହୋଇ ପୂର୍ବପଟ ବାଖରାବାଦ ଗ୍ରାମରୁ ମାଟିତଳ ଦେଇ କେବୁଲ ଯୋଗେ ପଶ୍ଚିମପଟ କୈବର୍ତ୍ତସାହି ଗ୍ରାମ ପଟକୁ ୧୧କେଭି ବିଦ୍ୟୁତ ତାର ଅତିକ୍ରମ କରିଥିଲେ। ହେଲେ ପ୍ଲାନ ଏଷ୍ଟିମେଟ ମୁତାବକ ଏଯାବତ୍ ୧୧ କେଭି ମାଧ୍ୟମରେ ପ୍ରତି ଗାଁକୁ ଅଲଗା ଅଲଗା ଟ୍ରାନ୍ସଫର୍ମର ବସାଇ ବିଦ୍ୟୁତ ସଂଯୋଗ କରାଯାଉ ନ ଥିବାରୁ ଉପଭୋକ୍ତା ମହଲରେ ଅସନ୍ତୋଷ ଲାଗିରହିଛି।

# ମାଧ୍ୟମିକ ଶିକ୍ଷକଙ୍କ କୌଶଳି ପ୍ରଶିକ୍ଷଣ ଶିବିର

**ଜଳେଶ୍ୱର, ୪।୭(ରବିନାରାୟଣ ପାତ୍ର)**




ଜଳେଶ୍ୱର ବ୍ଲକର ଚଳିତ ବର୍ଷର ମାଧ୍ୟମିକ ଶିକ୍ଷକମାନଙ୍କୁ ଦିଆଯାଉଥିବା କୌଶଳୀ ଶିକ୍ଷକ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜଳେଶ୍ୱର ହାଇସ୍କୁଲ ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ ପୌରୋହିତ୍ୟ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା କମ୍ପ୍ୟୁଟର ଜ୍ଞାନ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ସାଇବାର କ୍ରାଇମ ସମ୍ପର୍କରେ ସୂଚନା ଦେଇଥିଲେ। ଅତିଥି ଭାବେ ବିଆର୍‌ସିସି ସୁଶାନ୍ତ ଜେନା, ଓଷ୍ଟା ଜଳେଶ୍ୱର ସମ୍ପାଦକ ଡ. ଅଜିତ୍ କୁମାର ମହାନ୍ତି, ବିଜ୍ଞାନର ଭୂମିକା ଓ ତାର ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ପ୍ରକାଶ କରିଥିଲେ। ପ୍ରଶିକ୍ଷକ ବାରିଦ ବରଣ ପ୍ରଧାନ ଓ ଅର୍ଜୁନ ଚରଣ ଜେନା, ସାଇବର କ୍ରାଇମ୍, କମ୍ପ୍ୟୁଟର, ଆଇଟି ଓ କୋଡିଂ କରିକୁଲମ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ୫୩ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବିଜ୍ଞାନ ଶିକ୍ଷକ ଓ ଗଣିତ ଶିକ୍ଷକ ଏଥିରେ ଯୋଗ ଦେଇଥିଲେ। ହରିପଦ ସିଂହ ଧନ୍ୟବାଦ ଦେଇଥିଲେ।

# ଥାନାରେ ନୂଆ ଆଇନ ସମ୍ପର୍କରେ ସଚେତନତା

**ବାହାନଗା, ୪।୭(ଅରୂପ କୁମାର ଦାସ)**

ନୂତନ ଆଇନ ପ୍ରଣୟନକୁ ନେଇ ବୁଧବାର ଗୋପାଳପୁର ଥାନା ପରିସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରୀ ଏମଡି ହାଫିଜ ସଭାପତିତ୍ୱ କରିଥିଲେ। ଚଳିତ ମାସ ୧ତାରିଖରେ ୩ଟି ନୂଆ ଆଇନ ପ୍ରଣୟନ କରାଯାଇଛି । ଇଣ୍ଡିଆନ ପେନାଲ କୋଡ଼ ବଦଳରେ ଭାରତୀୟ ନ୍ୟାୟ ସଂହିତା , କ୍ରିମିନାଲ ପେନାଲ କୋଡ଼ ବଦଳରେ ଭାରତୀୟ ନାଗରିକ ନ୍ୟାୟ ସଂସ୍ଥା , ଇଣ୍ଡିଆନ ଏଭି ଆକ୍ଟ ବଦଳରେ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଇନ ପରିବର୍ତ୍ତନ କରାଯାଇଥିବାରୁ ଏହାକୁ ନେଇ ବିଭିନ୍ନ ପଞ୍ଚାୟତର ରାଜନୈତିକ ବ୍ୟକ୍ତି, ଓକିଲ, ସାମ୍ବାଦିକ ବିଭିନ୍ନ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ନେଇ ନୂତନ ଆଇନ ଧାରା ବାବଦରେ ଆଲୋଚନା କରିଥିଲେ। ଆଇନଜୀବୀ ଅଶ୍ୱିନୀ କୁମାର ମହାପାତ୍ର, ଶୁଭଶ୍ରୀ ଦାସ, ମଧୁସୂଦନ ବେହେରା, ବ୍ଲକ ଅଧ୍ୟକ୍ଷ ବିଶନାଥ ମିଶ୍ର ପ୍ରମୁଖ ନୂଆ ଆଇନ ପ୍ରଣୟନ ବାବଦରେ ବକ୍ତବ୍ୟ ରଖିଥିଲେ । ଏହି ସମୟରେ ଥାନା ଅଧୀନରେ ଥିବା କଲ୍ୟାଣି, ନୂଆପୁର, ଗୋପାଳପୁର, ସାହାସପୁରା, ବରିପଦା, ପଣ୍ଡାଶୁଣି, ଓଡଶାଳ ଆଦି ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ ତଥା ୧୮ ନମ୍ବର, ୨୦ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ, ଆଇନଜୀବୀ, ଅନ୍ୟାନ୍ୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସଚେତନତା ବାର୍ତ୍ତା ନେଇ ଦେବାଶିଷଙ୍କ ସାଇକେଲ ଯାତ୍ରା

## 'ସେଭ୍ ଟ୍ରି ଆଣ୍ଡ୍ ସେଭ୍ ୱାଟର'



**ସିମୁଳିଆ, ୪।୭(ସନ୍ତୋଷ ନାୟକ)**

'ସେଭ ଟ୍ରି ଏଣ୍ଡ ସେଭ ୱାଟର' ସଚେତନତା ବାର୍ତ୍ତା ନେଇ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟ ହୁଗୁଳି ଜିଲା ଖମାରଗାଛିରୁ ପୁରୀ ଅଭିମୁଖେ ସାଇକେଲଯାତ୍ରାରେ ବାହାରିଛନ୍ତି ୩୭ବର୍ଷୀୟ ଦେବାଶିଷ ପରମାଣିକ। ଗତ ରବିବାର ସେ ସଚେତନତା ବାର୍ତ୍ତା ନେଇ ନିଜ ଅଞ୍ଚଳରୁ ସାଢ଼େ ୫ ଶହ କି.ମି. ଯାତ୍ରା ଲକ୍ଷ୍ୟରେ ବାହାରି ୧୬ନଂ. ଜାତୀୟ ରାଜପଥରେ ସିମୁଳିଆ ବ୍ଲକର ସଦରମହକୁମା ମାର୍କୋଣାରେ ବୁଧବାର ସକାଳେ ପହଞ୍ଚିଥିଲେ। ଆସନ୍ତା ରଥଯାତ୍ରାରେ ସେ ପୁରୀରେ ପହଞ୍ଚିବେ ବୋଲି କହିଛନ୍ତି।

ଖମାରଗାଛି ଅଞ୍ଚଳର ମୀରା ଓ ସ୍ୱର୍ଗତଃ ଶଙ୍କର ପରମାରଣିକଙ୍କ ପୁଅ ଦେବାଶିଷ। ସେ ଏମ୍ଏ ପାସ୍ କରିବା ପରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ହେବା ସହିତ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଚାରରେ ସେ ସଉକ ରଖନ୍ତି। ଏଥିରେ ତାଙ୍କ ସ୍ତ୍ରୀ ମିନାକ୍ଷୀ ମଧ୍ୟ ତାଙ୍କୁ ସହଯୋଗ କରନ୍ତି। ସେହିପରି ଜଗନ୍ନାଥଙ୍କୁ ତାଙ୍କ ପରିବାର ବହୁତ ଭଲ ପାଉଥିବାରୁ ତାଙ୍କ ଶିଶୁପୁତ୍ରଙ୍କ ନାମ ସେ ନିଳାଦ୍ରୀ ରଖିଥିବା କହିଛନ୍ତି ଦେବାଶିଷ । ତେବେ ବୃକ୍ଷ ପ୍ରାଣୀ ସମାଜ ପାଇଁ ନିତ୍ୟାନ୍ତ ଆବଶ୍ୟକ, ବୃକ୍ଷ ପ୍ରାଣୀ ସମାଜର ବନ୍ଧୁ, ଶିଳ୍ପାୟନ ଓ ସଡ଼କ ସମ୍ପ୍ରସାରଣ ନାମରେ ଶହ ଶହ ବୃକ୍ଷ କଟାଯାଉଛି। ଏହାବ୍ୟତୀତ ଜଙ୍ଗଲରେ ନିଆଁ ଲାଗି ହଜାର ହଜାର ଗଛ ପୋଡ଼ି ନଷ୍ଟ ହୋଇଯାଉଛି। ଦିନକୁ ଦିନ ବାୟୁମଣ୍ଡଳ ଉତ୍ତପ୍ତ ହେବାରେ ଲାଗିଛି, ଯାହା ଆଗାମୀ ପିଢ଼ି ପାଇଁ ଅତ୍ୟନ୍ତ ଚିନ୍ତାର କାରଣ। ସେହିପରି ଜଳର ଅନ୍ୟନାମ ଜୀବନ। ଜଳକୁ ଅଯଥା ନଷ୍ଟ ନ କରି ଆଗାମୀ ପିଢ଼ି ପାଇଁ ସଂରକ୍ଷଣ କରିବା ଓ ପ୍ରତ୍ୟେକ ମଣିଷ ନିଜ ମା'ବାପାଙ୍କ ନାମରେ ଦୁଇଟି ଗଛ ଲଗାଇ ତାହାର ଯତ୍ନ ନେବା, ଗଛ ଲଗାଇଲେ ଅମ୍ଳଜାନ ବୃଦ୍ଧି ପାଇବା ସହିତ ଜଳସ୍ତର ଠିକ୍ ରହିବ, କେବଳ ଗଛ ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ବୋଲି ଦେବାଶିଷ କହନ୍ତି।

# ଓଭରଲୋଡିଂ, ବ୍ଲାଷ୍ଟିଂରେ ଖଇରାବାସୀ ଅତିଷ୍ଠ

**ଖଇରା, ୪।୭(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଗତ ୨ବର୍ଷ ଧରି ସୋର-କୁପାରୀ ରାସ୍ତାର ଭାରିଯାନ ଚଳାଚଳ ପାଇଁ ଉପୁଜିଥିବା ଓଭରଲୋଡିଂ ସମସ୍ୟା ଓ ଶାରୀଶୁଆ ପାହାଡରେ ବ୍ଲାଷ୍ଟିଂ ଏବେ ଚରମସ୍ଥିତିରେ ପହଞ୍ଚିଲାଣି। ବେଆଇନ ଭାବେ ଚାଲୁଥିବା ଖଣିଗୁଡିକରେ ବ୍ଲାଷ୍ଟିଂ ଏବଂ କୁପାରୀ-ସୋର ରାଜ୍ୟପଥରେ କ୍ଷମତାଠାରୁ ୪ଗୁଣ ଅଧିକ ମାଲ ବୋଝେଇ ଯୋଗୁ ଦୈନନ୍ଦିନ ଘଟୁଥିବା ଦୁର୍ଘଟଣା ଏବେ ଦିନକୁ ଦିନ ଯାତ୍ରୀଙ୍କ ଚିନ୍ତା ବଢାଇଛି। ସେହିଭଳି ଦିନ ଦ୍ୱିପ୍ରହରରେ ଦୀପାବଳିର ବାଣ ଫୁଟିବା ଭଳି ୱାଗନ ବ୍ଲାଷ୍ଟିଂ ଯୋଗୁ ପାହାଡ ସଂଲଗ୍ନ ଗାଁଗୁଡିକର ଅଧିବାସୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଘରଦ୍ୱାର ଫାଟି ଡିଜାଇନ ନଷ୍ଟ ହୋଇଗଲାଣି। ପ୍ରଶାସନ ଏକପ୍ରକାର ସ୍ଥାଣୁ ପାଲଟିଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏଭଳି କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଖଣି, ପରିବହନ ଓ ପୂର୍ତ୍ତ ବିଭାଗର ଅଧିକାରୀମାନେ ଠିକ୍ ଭାବେ ଦାୟିତ୍ୱ ତୁଲାଉ ନ ଥିବାରୁ ସମସ୍ୟା ଜଟିଳ ହେଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପଥର ଓ ଚିପ୍ସ ଓଭରଲୋଡିଂ ଓ ବ୍ଲାଷ୍ଟିଂ ଉପରେ ଅଙ୍କୁଶ ଲଗାଇବାକୁ କୁପାରୀ ଜୋନର ଗଡପୋଖରୀ, ବାଉଁଶଗଡିଆ, ରଟିଣା, କୁପାରୀ, ବର୍ତ୍ତନା, ହରିପୁର, କଇଥଗଡିଆ ଆଦି ପଞ୍ଚାୟତର ଅଧିବାସୀ ତଥା ଖଇରା-ସୋର ରାସ୍ତା ସଂଲଗ୍ନ ଖଇରା, କୁପାରୀ, ମାଟିଆଳପଦା କଲେଜ ସମେତ ବିଭିନ୍ନ ହାଇସ୍କୁଲର ଛାତ୍ରୀଛାତ୍ର ଓ ଅଭିଭାବକମାନେ ଦାବି କରିଛନ୍ତି।

ଉକ୍ତ ସମସ୍ୟା ଗତ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଛି। ପୂର୍ବାପେକ୍ଷା ଏବେ ବ୍ଲାଷ୍ଟିଂ ୧୦ଗୁଣ ବଢ଼ିଯାଇଥିବା ବେଳେ ଭାରିଯାନ ଚଳାଚଳ ପ୍ରତିମୁହୂର୍ତ୍ତରେ ଯାତ୍ରୀଙ୍କ ପାଇଁ ବିପଦକୁ ନିମନ୍ତ୍ରଣ କରୁଛି। ରାସ୍ତାରେ ୧୬ଟନ କ୍ଷମତା ବିଶିଷ୍ଟ ଗାଡି ଚଳାଚଳ ପାଇଁ ଅନୁମତି ଥିବା ବେଳେ ଏବେ ୫୦ରୁ ୬୦ଟନ ବିଶିଷ୍ଟ ଗାଡି ଓଡିଶାର ବିଭିନ୍ନ ସ୍ଥାନ ତଥା ପଶ୍ଚିମବଙ୍ଗ ଅଞ୍ଚଳକୁ ଚଳାଚଳ କରୁଥିଲେ ବି ଦିନେ ହେଲେ ବି ଧରପଗଡ କରାଯାଉନାହିଁ। ଯେଉଁଥିପାଇଁ ରାସ୍ତାର ଅବସ୍ଥା ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ଖଣି ଅଧିକାରୀମାନେ ଚୁପ୍ ହୋଇ ରହିବା ବେଆଇନ ଖଣିକାର୍ଯ୍ୟକୁ ପ୍ରୋତ୍ସାହିତ କରୁଥିବା କୁହାଯାଉଛି। ଭାରିଯାନ ଚଳାଚଳ ଓ ରାସ୍ତା ନଷ୍ଟ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସଙ୍ଗୀତା ସାହୁଙ୍କୁ ପଚାରିବାରେ କ୍ଷମତାଠାରୁ ଅଧିକ ପଥର ନେଇଯାଉଥିବା ଗାଡିଗୁଡିକ ଉପରେ ପରିବହନ ବିଭାଗ ତଦାରଖ କରିବା ଆବଶ୍ୟକ। ସେହିଭଳି ଜିଲା ପରିବହନ ଅଧିକାରୀ ରଶ୍ମି ଦଳବେହେରାଙ୍କୁ ଯୋଗାଯୋଗ କରିବାରେ ଲୋକମାନେ ଲିଖିତ ଭାବେ ଜଣାଇଲେ ଓଭରଲୋଡିଂ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



କୁପାରୀ ରାସ୍ତାରେ ପଥର ଓଭରଲୋଡିଂ କରି ଯାଉଥିବା ଏକ ଟ୍ରକ।

# ରାସ୍ତା ନାହିଁ, ପାଣି ପାଇଁ ଲୋକେ ହୀନସ୍ତା

## ଜାମଦା ବ୍ଲକ ଡୁଙ୍ଗୁରିସାହି ଗାଁ

ବାରିପଦା,୪।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଶୋଚନୀୟ ହୋଇପଡ଼ିଥିବା ରାସ୍ତାରେ ଛିଡ଼ା ହୋଇଥିବା ଗ୍ରାମବାସୀମାନେ।

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାର ଅନେକ ଗାଁକୁ ବିକାଶ ଅପହଞ୍ଚ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ଲୋକେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇ ଦୁର୍ବିସହ ଜୀବନ ବିତାଉଛନ୍ତି। ନା ଅଛି ପକ୍କା ରାସ୍ତା ନା ମିଳୁଛି ବିଶୁଦ୍ଧ ପାନୀୟ ଜଳ। ଘର ସାମନାରେ ପାଇପ୍ ପଡିଥିଲେ ହେଁ ପାଣି ବାହାରୁ ନାହିଁ। ଲୋକେ ଦୂଷିତ ଜଳ ପିଉଛନ୍ତି। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ପରେ ମଧ୍ୟ କେହି ଶୁଣିବାକୁ ପ୍ରସ୍ତୁତ ନାହାନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଜାମଦା ବ୍ଲକ ଅଧୀନ ହେଁସଡ଼ା ଗ୍ରାମ ପଞ୍ଚାୟତ ଚାନ୍ଦିଖମଣ ଗ୍ରାମ ଡୁଙ୍ଗୁରିସାହିରେ।

ବ୍ଲକ ମୁଖ୍ୟାଳୟରୁ ମାତ୍ର ୧୦ କି.ମି ଦୂରରେ ରହିଛି ଡୁଙ୍ଗୁରିସାହି ଗ୍ରାମ। ଏହି ଗ୍ରାମର ଦୁଇଟି ୱାର୍ଡର ୩ଟି ସାହିରେ ପାଖାପାଖି ୩୦୦ ପରିବାର ରହୁଛନ୍ତି। ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ଗାଁକୁ ଥିବା ମୁଖ୍ୟ ରାସ୍ତାଟି ଦୀର୍ଘ ବର୍ଷ ଧରି ପକ୍କାରେ ନିର୍ମାଣ ହୋଇପାରିନାହିଁ। ରାସ୍ତାର ଅବସ୍ଥା ଦୟନୀୟ ହୋଇ ପଡ଼ିଥିବାରୁ ଗାଡ଼ି ମୋଟର, ସାଇକେଲ ଚଳପ୍ରଚଳ କରିବା ତ ଦୂରର କଥା ଚାଲି ଚାଲି ଯିବା ସମ୍ଭବ ହୋଇପାରେ ନାହିଁ। ରାସ୍ତା ଉପରେ ମାଟି ପକାଯାଇଥିବାରୁ ବର୍ଷା ଦିନେ କର୍ଦ୍ଦମାକ୍ତ ହୋଇପଡ଼ିଛି। ରାସ୍ତାରେ ଗୋରୁ ଯିବାଆସିବା କରିବା ଦ୍ୱାରା ଖାଲ ଖମା ସୃଷ୍ଟି ହେବା ସହ ଆଣ୍ଠୁଏ ପାଣିରେ ବୁଡ଼ି ରହିଛି। ବିପଦପୂର୍ଣ୍ଣ ରାସ୍ତାରେ ଯିବାଆସିବା ସମୟରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ରାସ୍ତାରେ ଚାଲିବାକୁ ଅସମର୍ଥ ହୋଇପଡୁଛନ୍ତି। ଛାତ୍ରୀଛାତ୍ରମାନେ ଏହି ରାସ୍ତା ଦେଇ ପାଠପଢ଼ିବାକୁ ଯାଉଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିସ୍ଥଳେ ଜରୁରିକାଳୀନ ସେବା ପାଇବାରୁ ଗ୍ରାମବାସୀ ବଞ୍ଚିତ ହୋଇଛନ୍ତି। ଗାଁକୁ ଆମ୍ବୁଲାନ୍ସ ଆସିପାରୁ ନ ଥିବାରୁ ରୋଗୀଙ୍କୁ ଖଟିଆରେ ୨/୩ କି.ମି. ବୋହି ନେଇ ଭଲ ରାସ୍ତାରେ ପହଞ୍ଚିବା ପରେ ଡାକ୍ତରଖାନାରେ ପହଞ୍ଚାଉ ବୋଲି ପ୍ରେମା ବିନ୍ଧାଣୀ, ଚନ୍ଦ୍ରମୋହନ ସୋରେନ ଓ ଶେଖର ଟୁଡୁ କହିଛନ୍ତି। ସେହିପରି ବିଶୁଦ୍ଧ ପାଣି ପାଇଁ ଲୋକେ ପୋଖରୀ ଓ ନଳକୂଅ ଉପରେ ଭରସା କରୁଛନ୍ତି। ପୋଖରୀର ଦୂଷିତ କାଦୁଆମିଶା ଜଳ ପିଇ ଲୋକେ ଶୋଷ ମେଣ୍ଟାଉଥିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମର ସୀତା ଟୁଡୁ, ଚୂଡ଼ାମଣି ସୋରେନ ଓ ଦୁଲି ସୋରେନ କହିଛନ୍ତି। ଜଳକଷ୍ଟ ଦୂର କରିବା ପାଇଁ ଜଳଯୋଗାଣ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଜଳ ଜୀବନ ମିଶନ ଯୋଜନାରେ ୧୩ ଲକ୍ଷ ୬୪ହଜାର ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା । ୨୦୨୧ ଡିସେମ୍ବରରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ୨୦୨୩ ମାର୍ଚ୍ଚରେ ଶେଷ ହୋଇଛି। ଗାଁରେ ପାଇପ୍ ବିଛାଯାଇ ପ୍ରତି ଘର ସମ୍ମୁଖରେ ଟ୍ୟାପ୍ ଲଗାଯାଇଛି। ମାତ୍ର ଟ୍ୟାପ୍‌ରୁ ପାଣି ବାହାରୁ ନ ଥିବାରୁ ଲୋକେ ନିରୁପାୟ ହୋଇ ଦୂର ସ୍ଥାନରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଟୋପାଏ ବିଶୁଦ୍ଧ ଜଳ ପାଇଁ ଗ୍ରାମ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ଲୋକେ ନିରାଶ ହୋଇଛନ୍ତି। ସରକାରୀ ଅଧିକାରୀମାନଙ୍କ ଖାମଖିଆଲି ନୀତି ଯୋଗୁ ନୀରିହ ଆଦିବାସୀମାନେ ପ୍ରତାରଣାର ଶିକାର ହେଉଥିବା ଗ୍ରାମର ବିଶ୍ୱନାଥ ବିନ୍ଧାଣୀ, ସାକିଲା ସୋରେନ ଓ ବୁଧିଆ ଟୁଡୁ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ନରେନ୍ଦ୍ର ନାଏକଙ୍କୁ ପଚାରିବାରୁ ୭ ଦିନ ମଧ୍ୟରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରାଯିବ ବୋଲି କହିଛନ୍ତି।

# ଦିବ୍ୟାଙ୍ଗଙ୍କୁ ଛତୁ ମଞ୍ଜି ବଣ୍ଟନ



ଦିବ୍ୟାଙ୍ଗମାନଙ୍କୁ ଛତୁ ମଞ୍ଜି ବଣ୍ଟନ କରାଯାଉଛି।

ବାରିପଦା,୪।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରଶାସନ ଓ ଆମେରିକାନ ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟ ସହଯୋଗରେ ଦିବ୍ୟାଙ୍ଗଙ୍କ ଜୀବିକା ନିର୍ବାହକୁ ସୁଦୃଢ଼ କରିବା ନିମନ୍ତେ ରଘୁନାଥପୁରସ୍ଥିତ ସରସ୍ୱତୀ ଲେପ୍ରୋସୀ କଲୋନୀ ବାସିନ୍ଦାଙ୍କୁ ଛତୁ ମଞ୍ଜି ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ଛତୁ ଚାଷ କରିବା ପାଇଁ ଉତ୍ସାହିତ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ଦିବ୍ୟାଙ୍ଗଙ୍କ ପ୍ରଗତି ଓ ଆର୍ଥିକ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଆଇଏଫଟିର ବରିଷ୍ଠ ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ ରାଜ କମଲ ଶର୍ମା ଓ ସାଧନା ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ରଞ୍ଜିତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିଶିର କୁମାର ମହାନ୍ତ ସମସ୍ତଙ୍କୁ ଛତୁ ଚାଷ ବିଷୟରେ ବୁଝାଇଥିଲେ।

# ରାଇକମା ଆଶ୍ରମ ବିଦ୍ୟାଳୟରେ ବନ ମହୋତ୍ସବ

ବୈଶିଙ୍ଗା,୪।୭(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ବଉଳ, ଅଁଳା, ଚମ୍ପା, ପିଜୁଳି ଆଦି ଅନେକ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବେତନଟୀ ବନାଞ୍ଚଳ ଅଧିକାରୀ ମନୱର ଖାଁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ଜେନା ଯୋଗ ଦେଇ ଚାରାରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରୂପା ମହାନ୍ତି, ସରସ୍ୱତୀ ଜେନା, ଦୀପାଞ୍ଜଳି ଦାସ, ପ୍ରତିମା ପରିଡା ,ସୁବାସିନୀ ପରିଡା, ସୁକାନ୍ତି ବିଶ୍ୱାଳ, ନୀଳାକ୍ଷି ଦାସ ଓ ମଣ୍ଟୁ ମାର୍ଣ୍ଡି ସହଯୋଗ କରିଥିଲେ।

# ବିଶ୍ୱବିଦ୍ୟାଳୟ ପରିସରରେ ଚାରା ରୋପଣ

ବାରିପଦା,୪।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ବିଶ୍ୱଜିତ ରଥ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଆଗାମୀ ଦିନରେ ଚାଲୁ ରହିବ ବୋଲି ମତପ୍ରକାଶ କରିଥିଲେ। କୁଳସଚିବ ସହଦେବ ସମାଧିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ ସହଯୋଗ କରିଥିଲେ। ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ ସୌଧ ପରିସର ପ୍ରାନ୍ତରରେ ଅଧ୍ୟାପିକା, ଅଧ୍ୟାପକ କର୍ମଚାରୀ ଓ ଛାତ୍ରୀଛାତ୍ର ସମସ୍ତେ ମିଳିତ ଭାବରେ ଚାରାରୋପଣ କରିଥିଲେ। ବାରିପଦା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ଆମ୍ବ, ପଣସ, ପିଜୁଳି, ସପେଟା, ଲିଚୁ, ଜାମୁ, ବାହାଡା ଓ ହରିଡା ଆଦି ଚାରା ରୋପଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡ. ବସନ୍ତ କୁମାର ମହାନ୍ତ ଓ ଅଧିକାରୀ ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ଚାରାରୋପଣ କାର୍ଯ୍ୟକମରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ଅନ୍ୟମାନେ।

# ଭୀମକୁଣ୍ଡରେ ମାତିଲେ ହାତୀ

ଠାକୁରମୁଣ୍ଡା,୪।୭(ତାରାକାନ୍ତ ପଟ୍ଟନାୟକ)

## ଭାଙ୍ଗିଲେ ଡାକବଙ୍ଗଳା ପାଚେରି ଓ ଦୋକାନ



ହାତୀପଲ ଭାଙ୍ଗି ଦେଇଥିବା ଡାକବଙ୍ଗଳା ପାଚେରି।

ବୈତରଣୀ ନଦୀ ପାରି ହୋଇ କେନ୍ଦୁଝର ଜିଲା ପାଟଣା ରେଞ୍ଜରୁ ଗତ ମଙ୍ଗଳବାର ରାତିରେ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳକୁ ଖାଦ୍ୟ ଅନେଷଣରେ ପଶି ଆସିଥିବା ୨୪ ଟିକିଆ ହାତୀପଲ ଉତ୍ପାତ ଆରମ୍ଭ କରିଛନ୍ତି। ଏହି ହାତୀପଲ ପଡ଼ିଆବେଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବୋରିଂ ଗ୍ରାମ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ନିକଟ ବୋରିଂ ସଂରକ୍ଷିତ ଜଙ୍ଗଲ ଭିତରେ ରହିଥିଲେ। ଗୋଟିଏ ଦିନ ସେହି ଜଙ୍ଗଲ ଭିତରେ ରହିବା ପରେ ବୁଧବାର ରାତିରେ ନିକଟରେ ଥିବା ଭୀମକୁଣ୍ଡରେ ପଶି ଉତ୍ପାତ କରିଛନ୍ତି। ଭୀମକୁଣ୍ଡରେ ଥିବା ଡାକ ବଙ୍ଗଳା ପାଚେରିକୁ ଭାଙ୍ଗି ଦେବା ସହିତ ସେଠାରେ ଥିବା ରାଘବ ନାୟକଙ୍କ ଦୋକାନକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀ ପଲ ଉପରେ ନଜର ରଖିଛନ୍ତି। ଧାନ ଚାଷ ଆରମ୍ଭ ହୋଇ ନ ଥିବାରୁ ଖାଦ୍ୟ ପାଇଁ ହାତୀ ପଲ ଗ୍ରାମରେ ପଶିବାର ଆଶଙ୍କା ରହିଛି। ୨୪ ଟିକିଆ ହାତୀ ପଲ ବୋରିଂ ଜଙ୍ଗଲରେ ରହିଥିବା ବେଳେ ରାତିରେ ଆଖ ପାଖ ଗ୍ରାମ ପଶିବା ଆଶଙ୍କା ଥିବାରୁ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଠାକୁରମୁଣ୍ଡା ଓ ସାତକୋଶିଆ ରେଞ୍ଜ ଅଞ୍ଚଳରେ ବର୍ତ୍ତମାନ ମୋଟ ୨୯ ହାତୀ ରହିଛନ୍ତି। ସେଥିମଧ୍ୟରୁ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ୨୫ଟି ହାତୀ, ସାତକୋଶିଆ ରେଞ୍ଜ ଅଞ୍ଚଳର ସାତକୋଶିଆଠାରେ ଗୋଟିଏ ଓ ଗୋଡ଼ଭଙ୍ଗାଠାରେ ୩ଟି ହାତୀ ଥିବା ନେଇ ବନ ବିଭାଗ ସୂଚନା ଦେଇଛି।

# ଦ୍ୱାରଶୁଣୀ ଘାଟିରେ ଦୁର୍ଘଟଣା

ବାଙ୍ଗିରିପୋଷି,୪।୭
(ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଦେଇଯାଇଥିବା ୪୯ନଂ. ଜାତୀୟ ରାଜପଥ ଦ୍ୱାରଶୁଣୀ ଘାଟି ରାସ୍ତାରେ ୨ଟି ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ଘାଟି ରାସ୍ତାରେ ଏକ ଟ୍ରକ୍ ଖରାପ ହୋଇ ପଡିଥିଲା। ଟ୍ରକ୍‌ଟିକୁ ଠିକ୍ କରିବା ପାଇଁ ଏକ ଟେମ୍ପୁ ଯୋଗେ ମେକାନିକ୍ ଯାଇଥିଲେ। ଟ୍ରକ୍‌କୁ ଷ୍ଟାର୍ଟ କରିବା ସମୟରେ ଆଗକୁ ଯିବା ପରିବର୍ତ୍ତେ ପଛକୁ ମାଡ଼ିଯାଇଥିଲା। ଫଳରେ ପଛପଟେ ଛିଡ଼ା ହୋଇଥିବା ଟେମ୍ପୁ ଚାଳକଙ୍କ ଦୁଇ ଗୋଡ଼ ଟ୍ରକ ଚକା ତଳେ ଚାପି ହୋଇଯାଇଥିଲା। ଖବରପାଇ ବାଙ୍ଗିରିପୋଷି ପୋଲିସ ଓ ଦମକଳ ବାହିନୀ ପହଞ୍ଚି ଟେମ୍ପୁ ଚାଳକଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଅନ୍ୟଏକ ରଙ୍ଗ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଦ୍ୱାରଶୁଣୀ ଘାଟିରେ ଓଲଟି ପଡ଼ିଥିବା ଜଣାପଡ଼ିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।


ଓଲଟି ପଡ଼ିଥିବା ରଙ୍ଗ ବୋଝେଇ ଟ୍ରକ୍।

# କୁକୁର କାମୁଡ଼ାରେ ୪ ଆହତ

ମୋରଡ଼ା,୪।୭(ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ପଞ୍ଚାୟତରେ ବୁଲା କୁକୁରଙ୍କ ଆତଙ୍କ ଦେଖିବାକୁ ମିଳିଛି। ଏହି ପଞ୍ଚାୟତ ଅଧୀନ ପଟକୁଣ୍ଡିଆ ଗ୍ରାମର କାମିନୀକାନ୍ତ ବେହେରା ଓ ତାଙ୍କର ୩ ବର୍ଷର ଝିଅ ମନିସା ବେହେରାଙ୍କୁ କୁକୁର କାମୁଡ଼ିବାରୁ ଉଭୟ ଆହତ ହୋଇଛନ୍ତି। ପୁଣି ଏକ କୁକୁର ଆସି ସନ୍ତୋଷୀ ଦେହୁରୀ ଓ ଛବିରାଣୀ ଦଳେଇଙ୍କୁ କାମୁଡ଼ିବାରୁ ସେ ମଧ୍ୟ ଆହତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି।

# ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ ପରାମର୍ଶ

ବାରିପଦା,୪।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଜାତୀୟ ସବୁଜ ବାହିନୀ(ଇକୋ କ୍ଲବ) ଆନୁକୂଲ୍ୟରେ ୭୫ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀଙ୍କ ପ୍ରକଳ୍ପ କାର୍ଯ୍ୟାଳୟରେ ଥିବା ଡିଜିଟାଲ ଷ୍ଟୁଡିଓରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏଥିରେ ଅଧ୍ୟକ୍ଷତା କରି ପରିବେଶକୁ ସବୁଜ ସୁନ୍ଦର କରିବା ଲାଗି ଚାରା ରୋପଣ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବାରିପଦା ବନଖଣ୍ଡ ଅଧିକାରୀ ଏ.ଉମା ମହେଶ ଉପସ୍ଥିତ ରହି ବିଶ୍ୱରେ ଉତ୍ତପ୍ତ ସହର ମଧ୍ୟରେ ବାରିପଦା ରହିଥିବା ନେଇ ଆଲୋଚନା କରିଥିଲେ। ଜଙ୍ଗଲ ସୁରକ୍ଷା ଏବଂ ଚାରା ରୋପଣ ତାତିକୁ ପ୍ରଶମିତ କରିବ ବୋଲି କହିବା ସହ ବ୍ୟାପକ ଭାବେ ଏହାର କାର୍ଯ୍ୟକାରିତାକୁ ନେଇ ଦିଗଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ଭାବେ କ୍ଲବର ଜିଲା ସଂଯୋଜକ ଡ. ରମାକାନ୍ତ ମହାନ୍ତ ଯୋଗଦେଇ ନଷ୍ଟ ହୋଇଥିବା ଜଙ୍ଗଲକୁ ଭରଣା କରିବା ସହ ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ନିବେଦନ କରିଥିଲେ। ଜିଲାର ସମସ୍ତ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ ଅବସରରେ ଚାରାରୋପଣ ଏବଂ ଏହାର ସୁରକ୍ଷା ପାଇଁ ସବୁଜ ସଙ୍କଳ୍ପ ଗ୍ରହଣ କରିବାକୁ କହିଥିଲେ। ଜିଲା ବିଜ୍ଞାନପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସୁବ୍ରତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶୈଳବାଳା ବେହେରା, ଅଶ୍ୱିନୀ ସିଂହ ଓ ପବନ ସାହୁ ସହଯୋଗ କରିଥିଲେ।

# ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଟେଣ୍ଡର ଫିକ୍ସିଂ ଅଭିଯୋଗ

## ଯନ୍ତ୍ରୀ-ଠିକାଦାରଙ୍କ ସଲାସୁତ୍ରାରେ ନିମ୍ନମାନର କାମ

ମୋରଡ଼ା, ୪।୭(ସ୍ୱାରକ ମାଜୀ)


କେନାଲ ଡିଭିଜନ କାର୍ଯ୍ୟାଳୟ।

ମୟୂରଭଞ୍ଜ ଜିଲା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଅଧୀନ ବୈଶିଙ୍ଗା କେନାଲ ଡିଭିଜନରେ ଯନ୍ତ୍ରୀ- ଠିକାଦାରଙ୍କ ସଲାସୁତରାରେ ନିମ୍ନମାନର କାର୍ଯ୍ୟ ହେବା ସହ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଟେଣ୍ଡର ଫିକ୍ସିଂ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ମୋରଡ଼ା ବ୍ଲକ ଅଧୀନ ସୁରେଇଡ଼ିହ ପଞ୍ଚାୟତ ବାସିନ୍ଦା ରବୀନ୍ଦ୍ର ମହାନ୍ତ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି ।

ଅଭିଯୋଗ ଅନୁଯାୟୀ, ୨୦୨୦-୨୧, ୨୦୨୧-୨୦୨୨, ୨୦୨୨-୨୦୨୩ ଓ ୨୦୨୩-୨୦୨୪ ଆର୍ଥିକ ବର୍ଷରେ ଏସ୍‌ଆଇପି ଲକ୍ଷ୍ମୀପୋଷି ଅଧୀନ ବୈଶିଙ୍ଗା କେନାଲ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ପ୍ରାୟ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ୩ ପାର୍ଟି ଟେଣ୍ଡର ନିର୍ଦ୍ଦିଷ୍ଟ କେତେଜଣ ଠିକାଦାରଙ୍କ ଦ୍ୱାରା କରାଇଥିଲେ। ଏହିକାର୍ଯ୍ୟ ନିମ୍ନମାନର ହୋଇଥିବା ଦେଖିବାକୁ ମିଳିଛି। ସ୍ପ୍ଲିଟିଂ ପ୍ରପୋଜାଲ ପ୍ରସ୍ତୁତି କରି ଚତୁରତାର ସହିତ ନୋଟିସ ବୋର୍ଡ ଟେଣ୍ଡର କଲ୍ ନୋଟିସ ଲଗାଇ ୱାଇଡ୍ ସରକ୍ୟୁଲେଶନ ନ କରି ଟେଣ୍ଡର ଫିକ୍ସିଂ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ସେହିପରି ସୂଚନା ଅଧିକାର ତଥ୍ୟ ମୁତାବକ, ଗ୍ରାମ୍ୟ ଉନ୍ନୟନ ବିଭାଗର ପତ୍ର ସଂଖ୍ୟା-୬୨୧୧, କ୍ଷୁଦ୍ର ଜଳସେଚନ ବିଭାଗର ପତ୍ର ସଂଖ୍ୟା-୪୩୧୧, ଏନ୍‌ଏଚ୍ ଡିଭିଜନର ପତ୍ର ସଂଖ୍ୟା-୧୭୯୪ରେ ଦର୍ଶାଯାଇଛି ଯେ, ଏନେଇ ବୈଶିଙ୍ଗା କେନାଲ ଡିଭିଜନ ଏସ୍‌ଆଇପିର କୌଣସି ଟେଣ୍ଡରକଲ ନୋଟିସ ନାହିଁ। ଯାହାକି ଟେଣ୍ଡର ଦୁର୍ନୀତିକୁ ବିଭାଗ ପ୍ରଶୟ ଦେଇଛି ବୋଲି ଅଭିଯୋଗ ହୋଇଛି। ନିର୍ଦ୍ଦିଷ୍ଟ ଭାବରେ ଗୋଟିଏ ଡିଭିଜନ ଅଫିସରେ ବିଲ୍ଡିଂ, ମରାମତି, ପୁନରୁଦ୍ଧାର ପାଇଁ ଗୋଟିଏ ଟେଣ୍ଡର ନ କରି ତାକୁ ଭାଗ ଭାଗ କରି ସ୍ପ୍ଲିଟିଂ ପ୍ରପୋଜାଲ ପ୍ରସ୍ତୁତ କରିବା କାର୍ଯ୍ୟ ବେଆଇନ କାର୍ଯ୍ୟକଳାପକୁ ଦର୍ଶାଉଛି। ଅନ୍ୟପକ୍ଷରେ ଉକ୍ତ ଦୁର୍ନୀତିର ମୁଖ୍ୟ କାର୍ପଟଦାର ଦୁଇ କନିଷ୍ଠ ଯନ୍ତ୍ରୀ ବର୍ତ୍ତମାନ ପଦୋନ୍ନତି ପାଇ ସହକାରୀ ଯନ୍ତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି। ତେଣୁ ଉକ୍ତ ସବୁ କାର୍ଯ୍ୟର ସତ୍ୟାସତ୍ୟ ଯାଞ୍ଚ କରିବା ସହିତ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀ ଇଞ୍ଜିନିୟର ପ୍ରତାପ ଦାସଙ୍କୁ ପଚାରିବାରୁ ଉକ୍ତ ସମସ୍ତ କାର୍ଯ୍ୟର ଟେଣ୍ଡର ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ହୋଇଛି ବୋଲି ସେ କହିଛନ୍ତି।

# 'ବୃକ୍ଷର ସବୁ ଅଂଶ ମଣିଷଙ୍କ ହିତରେ ଲାଗେ'

ବଡ଼ସାହି,୪।୭(ସମ୍ବିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହିସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଜାତୀୟ ସବୁଜ ବାହିନୀ, ଓଡ଼ିଆ ଲେଖକ ପରିଷଦ, ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଏକାଡେମୀଙ୍କ ମିଳିତ ଆନୁକୂଲ୍ୟରେ ବିବେକାନନ୍ଦ ବିହାରଠାରେ 'ବନ ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଶିକ୍ଷାକେନ୍ଦ୍ରର ସବୁଜ ସାଥୀମାନଙ୍କ ଦ୍ୱାରା ବୃକ୍ଷ ପୂଜନ କରାଯାଇ ଚାରାଗୁଡ଼ିକୁ ଏକ ଶୋଭାଯାତ୍ରାରେ ରୋପଣ ସ୍ଥାନକୁ ନିଆଯାଇଥିଲା। ସେଠାରେ ବଡ଼ସାହି ବନ ବିଭାଗ ସହାୟତାରେ ରୋପଣ ହୋଇଥିଲା। ବନପାଳ ସୁନିଲ କୁମାର ମହାନ୍ତ ଚାରା ଯୋଗାଇ ଦେଇଥିଲେ।

ଏହି ଅବସରରେ ଏକ ପରିବେଶ ସଚେତନତା ସଭା ଜେଜେ ଗୁରୁଜୀ ବେଣୁଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଜଗତବନ୍ଧୁ ଆଚାର୍ଯ୍ୟ ଯୋଗଦେଇ ବୃକ୍ଷର ସବୁ ଅଂଶ ମଣିଷର ସବୁବେଳେ ହିତ କରିଥାଏ। ତେଣୁ ବୃକ୍ଷ କଳିଯୁଗର କାମଧେନୁ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପରିବେଶବିତ୍ ଡ଼କ୍ଟର ରମାକାନ୍ତ ମହାନ୍ତ ଓ ସମ୍ମାନୀତ ଅତିଥିଭାବେ ରଣଜିତ କୁମାର ଦାସ, ସିଆର୍‌ସିସି ସନକ କୁମାର ଘୋଷ ଓ କବି କାର୍ତ୍ତିକ ସେଠୀ ଯୋଗଦାନ କରି ସମସ୍ତଙ୍କୁ ନିଜ ମା' ବାପାଙ୍କ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ବାଣୀପୀଠର ବରିଷ୍ଠ ଉପଦେଷ୍ଟା ପରିବେଶବିତ୍ ସନ୍ତୋଷ ମହାନ୍ତିଙ୍କ ସ୍ମୃତିରେ ଫୋର୍ଡର ସଭାପତି ସନ୍ତୋଷ କୁମାର ଖଣ୍ଡାଙ୍କୁ ସମ୍ମାନୀତ କରାଯାଇଥିଲା। ପରିବେଶ ସୁରକ୍ଷା ଉପରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଗୁରୁଜୀ ଅତୁଳ୍ୟ ସୁନ୍ଦର ଭଞ୍ଜିବାବୁ ଓ ସୁବ୍ରତ ବଳିଆରସିଂଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। କଥାକାର ସଚ୍ଚୀନ୍ଦ୍ର କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ରାଉତ ସୂର୍ଯ୍ୟକାନ୍ତି ପୁହାଣ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।



ପରିବେଶ ସଚେତନତା ସଭାରେ ଉପସ୍ଥିତ ଅତିଥିମାନେ।

